## ଦର୍ଶନ ପାଇଁ ଲମ୍ୱାଧାଡ଼ି

**ଢେଙ୍କାନାଳ ଅଫିସ:** ଢେଙ୍କାନାଳ ସହରର ବିଭିନ୍ନ ମନ୍ଦିରରେ ଶୁକ୍ରବାର ହନୁମାନ ଜୟନ୍ତୀ ଓ ପଣା ସଂକ୍ରାନ୍ତି ମହାସମାରୋହରେ ପାଳିତ ହୋଇଯାଇଛି। ବିଶେଷକରି ଯାଉଁଳି ପୋଖରୀ ମଠ ଓ ଏହା ନିକଟସ୍ଥ ହନୁମାନ ମନ୍ଦିର, ବଳରାମ ମନ୍ଦିର, ବସ୍‌ଷ୍ଟାଣ୍ଡ ସ୍ଥିତ ହନୁମାନଙ୍କ ପୀଠ ଓ ମନ୍ଦିର ଗୁଡିକରେ ସକାଳୁ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଲମ୍ୱା ଧାଡ଼ି ଲାଗିଥିଲା। ସବୁଠି ହୋମଯଜ୍ଞ, ରାମଚରିତ ମାନସ ଓ ହନୁମାନ ଚାଲିଶା ପାଠ ହୋଇଥିଲା। ସେହିପରି ପଣା ସହିତ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣ ମାମଲା
## ରିମାଣ୍ଡରେ ଗଲେ ଜଣେ ଅଭିଯୁକ୍ତ

**ଢେଙ୍କାନାଳ ଅଫିସ, ୧୪।୪:** ଢେଙ୍କାନାଳ ସହର ମହିଷାପାଟ ଅଞ୍ଚଳରୁ ଗୁରୁବାର ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣ ର୍ୟାକେଟର ୨ ଜଣଙ୍କୁ ଗିରଫ କରାଯାଇଥିଲା। ମଧ୍ୟପ୍ରଦେଶ ପୋଲିସ ଚଢାଉ କରି ଢେଙ୍କାନାଳ ଟାଉନ ଥାନା ପୋଲିସ ସହାୟତାରେ ଘଟଣାସ୍ଥଳରୁ ୨ କେଜି ୬୧୮ ଗ୍ରାମ ଗଞ୍ଜେଇ, ୫ କ୍ରେଡିଟ କାର୍ଡ, ୪ ପାଶବୁକ ଓ ଗୋଟିଏ କାର୍ ଜବତ କରିଥିଲା।



ଏହି ଘଟଣାରେ ସଦର ଥାନା ଭାଲିଆବୋଲ କାଟେଣୀର ସୁଧାକର ଦାସ ଓ ବିହାର ପାଟନା ଅଞ୍ଚଳର ନନ୍ଦଲାଲ ମୁକେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଶୁକ୍ରବାର ମଧ୍ୟପ୍ରଦେଶ ପାନ୍ନା ପୋଲିସ ଅଭିଯୁକ୍ତ ସୁଧାକରଙ୍କୁ ଅଧିକ ତଦନ୍ତ ପାଇଁ ରିମାଣ୍ଡରେ ନେଇଥିବା ଟାଉନ ଥାନା ପୋଲିସ ସୂତ୍ରରୁ ଜଣାପଡ଼ିଛି। ଏହି ର୍ୟାକେଟର ଚେର ରାଜସ୍ଥାନ ପର୍ଯ୍ୟନ୍ତ ଲମ୍ୱିଛି।

# ‘ସମର ତରଙ୍ଗ’ ଦିଲ୍ଲୀ ନେବାକୁ ଉଦ୍ୟମ ହେବ

### ଗୀତିନାଟ୍ୟ ଦେଖିବା ପରେ ମୁଖ୍ୟଶାସନ ସଚିବଙ୍କ ପ୍ରତିଶ୍ରୁତି

ଢେଙ୍କାନାଳ ଅଫିସ, ୧୪।୪

ଢେଙ୍କାନାଳର ନାଟ୍ୟ ଅନୁଷ୍ଠାନ କଳା ପରିଷଦ ପକ୍ଷରୁ ଶୁକ୍ରବାର ସମର କବି ବ୍ରଜନାଥ ବଡ଼ଜେନାଙ୍କ ଜୟନ୍ତୀ ଅବସରରେ ଗୀତିନାଟ୍ୟ ସମର ତରଙ୍ଗ ସ୍ଥାନୀୟ ମିନି ଷ୍ଟାଡିୟମରେ ପରିବେଷଣ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି କହିଥିଲେ, କବି ବ୍ରଜନାଥଙ୍କ କୃତି ସମର ତରଙ୍ଗ ଢେଙ୍କାନାଳ ମାଟିକୁ ମହାନ୍ କରିଛି। ଏହି ଗିତିନାଟ୍ୟରେ ଢେଙ୍କାନାଳର ଇତିହାସ ପ୍ରତିପାଦିତ ହୋଇଛି। ଏହି ଗୀତିନାଟ୍ୟକୁ ଦିଲ୍ଲୀରେ ପରିବେଷଣ କରିବାକୁ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଉଦ୍ୟମ କରାଯିବ। ବିଶିଷ୍ଟ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ କାମାକ୍ଷା ପ୍ରସାଦ ସିଂହଦେଓ ଯୋଗଦେଇ କହିଲେ ଯେ, ସମର ତରଙ୍ଗ ଢେଙ୍କାନାଳର ଐତିହ୍ୟ।



ଅତିଥିମାନଙ୍କ ସହ ଗୀତିନାଟ୍ୟ ପରିବେଷଣ କରିଥିବା କଳାକାରମାନେ।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଯୁବପିଢ଼ୀ ଏଭଳି ନାଟକ ଦେଖିଲେ ଆମର ଐତିହ୍ୟ ଅଧିକ ମହାନ୍ ହେବ ବୋଲି ମତବ୍ୟକ୍ତ କରିଥିଲେ। ଏସ୍‌ପି ଜ୍ଞାନ ରଞ୍ଜନ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉତ୍ସବରେ ସଭାପତିତ୍ୱ କରି ଜିଲାପାଳ ସରୋଜ କୁମାର ସେଠୀ ଆଗାମୀ ଦିନରେ ଶହୀଦ ବାଜି ରାଉତ ଓ ପ୍ରଜାମଣ୍ଡଳ ଆନ୍ଦୋଳନର କର୍ଣ୍ଣଧାର ବୀର ବୈଷ୍ଣବ ପଟ୍ଟନାୟକଙ୍କ ସଂଗ୍ରାମ କଥାକୁ ନାଟକ ମାଧ୍ୟମରେ ମଞ୍ଚସ୍ଥ କରିବାକୁ ନାଟ୍ୟ ଅନୁଷ୍ଠାନମାନଙ୍କୁ ଅନୁରୋଧ କରିଥିଲେ। କଳା ପରିଷଦ ସଭାପତି ଦିଲୀଶ୍ୱର ମହାରଣା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କବି ଅବନୀ ମିଶ୍ରଙ୍କ ରଚିତ ଶ୍ରୀହନୁମାନଙ୍କ ଭଜନ ଲୋକାର୍ପିତ ହୋଇଥିଲା। ପରେ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଗୀତିନାଟ୍ୟ ସମର ତରଙ୍ଗ ପରିବେଷଣ କରାଯାଇଥିଲା। ଅବନୀ ମିଶ୍ର ଏହାର ଗୀତିନାଟ୍ୟ ରୂପାନ୍ତର କରିଥିଲେ। ଶତ୍ରୁଘ୍ନ ମାଟି ନିର୍ଦ୍ଦେଶନା ଦେଇଥିଲେ।

# ଅଗ୍ନି ନିରାପତ୍ତା ନେଇ ସଚେତନତା

ଢେଙ୍କାନାଳ ଅଫିସ, ୧୪।୪

ଢେଙ୍କାନାଳ ଜିଲା ଅଗ୍ନିଶମ ସେବାକେନ୍ଦ୍ର କାର୍ଯ୍ୟାଳୟ ପରିସରରେ ଅଗ୍ନିଶମ ଓ ଜରୁରୀ ସେବା ସପ୍ତାହ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ୨୦ ତାରିଖ ଯାଏ ଚାଲିବ। ଏହି ଉପଲକ୍ଷେ ଜାତୀୟ ଭିତ୍ତିଭୂମିର ଅଭିବୃଦ୍ଧି ପାଇଁ ଅଗ୍ନି ନିରାପତ୍ତା ବିଷୟରେ ସମସ୍ତଙ୍କୁ ସଚେତନତା କରାଯାଇଥିଲା। ଅଗ୍ନିଶମ ସେବାକେନ୍ଦ୍ରର ଦମକଳ ଓ ଅନ୍ୟାନ୍ୟ ଗାଡିଗୁଡ଼ିକ ସହର ପରିକ୍ରମା କରି ଲୋକମାନଙ୍କୁ ଏହି ସପ୍ତାହ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଏବଂ ଜରୁରୀ ସେବା ନେଇ ସଚେତନ କରିଥିଲା। ଜିଲା ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ କୁମାର ଧଳଙ୍କ ତତ୍ତ୍ୱାବଧାନରେ ଇନଚାର୍ଜ କେନ୍ଦ୍ର ଅଧିକାରୀ ମନୋରଞ୍ଜନ ବିଶାଳଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପ୍ରଶାନ୍ତ ଧଳ ଶ୍ରେଷ୍ଠ ସହକାରୀ ଅଧିକାରୀ

ଢେଙ୍କାନାଳ ଅଫିସ, ୧୪।୪

ଢେଙ୍କାନାଳ ଜିଲା ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ କୁମାର ଧଳଙ୍କୁ ଅଗ୍ନିଶମ ଓ ଜରୁରୀ ସେବା ସଚେତନତା ସପ୍ତାହ ପାଳନ ଅବସରରେ ରାଜ୍ୟର ଶ୍ରେଷ୍ଠ ସହକାରୀ ଅଗ୍ନିଶମ ଅଧିକାରୀ ଭାବେ ସମ୍ବର୍ଦ୍ଧିତ କରାଯାଇଛି। ଭୁବନେଶ୍ୱର ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଗୃହ ମନ୍ତ୍ରୀ ତୁଷାରକାନ୍ତି ବେହେରା ତାଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ରାଜ୍ୟ ଅଗ୍ନିଶମ ଓ ଜରୁରୀ ସେବା ପୋଲିସ ମହାନିର୍ଦ୍ଦେଶକ ସନ୍ତୋଷ କୁମାର ଉପାଧ୍ୟାୟ ଉପସ୍ଥିତ ଥିଲେ।



ପ୍ରଶାନ୍ତ କୁମାର ଧଳଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ‘ବ୍ରଜନାଥଙ୍କ ପାଇଁ ଢେଙ୍କାନାଳ ଗର୍ବିତ’

ଢେଙ୍କାନାଳ ଅଫିସ, ୧୪।୪

ଢେଙ୍କାନାଳ ଜିଲା ଲେଖକ ସଂସଦଠାରେ ଶୁକ୍ରବାର କବି ବ୍ରଜନାଥ ବଡ଼ଜେନାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଜିଲା ଲେଖକ ସଂସଦ ସଭାପତି ବସନ୍ତ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅନାମିକା ଦାସ ମହାପାତ୍ର ଯୋଗଦେଇ ଦିବ୍ୟ ଜୀବନରେ ସାହିତ୍ୟ ସର୍ଜନା କରି ସମାଜକୁ ଦେଇପାରିଲେ ଜୀବନ ପୂର୍ଣ୍ଣାଙ୍ଗ ହୋଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଡ. ଅଶୋକ କୁମାର ମିଶ୍ର ଯୋଗଦେଇ କବିଙ୍କ କୃତି ଉପରେ ଆଲୋଚନା କରିଥିଲେ। ସମ୍ମାନିତ ବକ୍ତା ଭାବେ ଲେଖକ ସଂସଦର ପୂର୍ବତନ ସଭାପତି ଶରତ ମାଝି, ସମ୍ମାନିତ ବକ୍ତା ଭାବେ କାଳୀଶଙ୍କର ଦାସ, ବ୍ରଜନାଥ ବଡ଼ଜେନା ଫାଉଣ୍ଡେଶନ ସଦସ୍ୟ କବିଙ୍କ ସ୍ମୃତିଚାରଣ କରିବା ସହ ଢେଙ୍କାନାଳ ମାଟି କବିଙ୍କ ପାଇଁ ଧନ୍ୟ ହୋଇଥିବା ମତ ଦେଇଥିଲେ। ସଭାପତି ପଟ୍ଟନାୟକ ବ୍ରଜନାଥଙ୍କ ପାଇଁ ଢେଙ୍କାନାଳ ଗର୍ବିତ ବୋଲି କହିଥିଲେ। ଏହି ଅବସରରେ କବି ଶ୍ରୀକାନ୍ତ କୁମାର ସାହୁଙ୍କ ପୁସ୍ତକ ‘ସୁଗନ୍ଧା’ ଓ ଗୋଲକ ବିହାରୀ ବେହେରାଙ୍କ ପୁସ୍ତକ ‘ଦେହ ଦାହ ଓ ଦହନ’ ଉନ୍ମୋଚିତ ହୋଇଥିଲା। କବୟିତ୍ରୀ ଉପମା ସାମଲଙ୍କ ସଭାପତିତ୍ୱରେ ପୂର୍ବାହ୍ନରେ କବିତା ପାଠୋତ୍ସବ ବୈଜୟନ୍ତୀ ପଟ୍ଟନାୟକ ଓ ମାନସୀ କରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ୭୬ ଜଣ କବୟିତ୍ରୀ, କବି ଏଥିରେ ଯୋଗଦେଇ କବିତା ପାଠ କରିଥିଲେ। ଲେଖକ ସଂସଦ ସମ୍ପାଦକ ହୃଦାନନ୍ଦ ଦ୍ୱିବେଦୀ ସ୍ୱାଗତ ଭାଷଣ ଦେଇଥିଲେ। ଡ. ସମୀର ସାହୁ ଅତିଥି ପରିଚୟ ଓ ସୁକାନ୍ତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକାରୀ ସମ୍ପାଦକ ଅଶ୍ୱିନ ସାହୁ, କାଳନ୍ଦୀ ସାହୁ, ପ୍ରଭାତୀ ମହାପାତ୍ର, ମାନସୀ କର, ଅରୁଣ ସାହୁ, ବୈଜୟନ୍ତୀ ପଟ୍ଟନାୟକ, ଉପେନ୍ଦ୍ର କୁମାର ରାଉତ, ସାରଙ୍ଗଧର ମିଶ୍ର, ସୁରେନ୍ଦ୍ର ପୃଷ୍ଟି, ହୃଷୀକେଶ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଭାଷା, ସଂସ୍କୃତିକୁ ସମ୍ମାନ ଓ ସମୃଦ୍ଧ କର

### ଟାଟାଷ୍ଟିଲ ମେରାମଣ୍ଡଳୀ ପକ୍ଷରୁ ଓଡ଼ିଆ ନବବର୍ଷ ପାଳିତ

ଢେଙ୍କାନାଳ ଅଫିସ, ୧୪।୪

ଟାଟାଷ୍ଟିଲ ମେରାମଣ୍ଡଳି ପକ୍ଷରୁ ଓଡାପଡା ବ୍ଲକ କୁଶୁପଙ୍ଗାଠାରେ ଓଡ଼ିଆ ନବବର୍ଷ ଓ ମହାବିଷୁବ ସଂକ୍ରାନ୍ତି ପାଳନ କରାଯାଇଛି। ଢେଙ୍କାନାଳ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବିଶିଷ୍ଟ ଓଡ଼ିଆ ଔପନ୍ୟାସିକା ତଥା କବି ଡ. ହିରଣମୟୀ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ ମେରାମଣ୍ଡଳୀ ପ୍ରତିନିଧି ଡିଆରଆଇର ମୁଖ୍ୟ ବିଦ୍ୟାପ୍ରସାଦ ଓ ଟିଏସ୍‌କେଓଟିଏସ୍‌ଏମ୍‌ର କର୍ପୋରେଟ କମ୍ୟୁନିକେଶନ ମୁଖ୍ୟ ଶୁଭ୍ରାଂଶୁ ଶେଖର ପଣ୍ଡା ଯୋଗଦେଇଥିଲେ। ଟାଟାଷ୍ଟିଲ ଫାଉଣ୍ଡେଶନ ଦ୍ୱାରା ସପ୍ତାହ ବ୍ୟାପୀ ଓଡାପଡା ବ୍ଲକର ୨୮ଟି ପଞ୍ଚାୟତ ଓ ଆଖପାଖ ବିଦ୍ୟାଳୟର ୩୦୦ରୁ ଅଧିକ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କ ସହ ସଂଗୀତ ଶିକ୍ଷୟିତ୍ରୀ ଶିବାନୀ ପ୍ରିୟଦର୍ଶିନୀ ନନ୍ଦ ଓ ନୃତ୍ୟ ଶିକ୍ଷକ ଜିତେନ୍ଦ୍ର ଷଣ୍ଢଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପାଳ ମହାପାତ୍ର ପାଶ୍ଚାତ୍ୟ ପ୍ରଭାବ ହ୍ରାସ ସହିତ ଓଡ଼ିଆ ସଂସ୍କୃତିର ସଂରକ୍ଷଣ ଓ ପ୍ରଚାର ପ୍ରସାର ପାଇଁ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା କବି ଡ. ମିଶ୍ର ଓଡ଼ିଆ ନବବର୍ଷର ସାଂସ୍କୃତିକ ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିବା ସହ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଭାଷା ଓ ସାଂସ୍କୃତିକ ପରିଚୟକୁ ସମ୍ମାନ ଦେବା ଏବଂ ସମୃଦ୍ଧ କରିବାକୁ ଆହ୍ୱାନ ଦେଇଥିଲେ।




କାର୍ଯ୍ୟକ୍ରମରେ ଅତିଥିମାନଙ୍କ ସହ କୃତୀ ଛାତ୍ରୀଛାତ୍ରମାନେ।

# ନୂଆରୂପ ପାଇବ ଇନ୍‌ଡୋର ସ୍ପୋର୍ଟ୍ସ ହଲ୍

ଢେଙ୍କାନାଳ ଅଫିସ, ୧୪।୪



ଢେଙ୍କାନାଳ ସହରସ୍ଥିତ ଷ୍ଟାଡିୟମ ନିକଟରେ ଥିବା ଜିମ୍ନାସିୟମ ଓ ଇନଡୋର ସ୍ପୋର୍ଟ୍ସ ହଲର ନବକଳେବର ହେବ। ଏଥିପାଇଁ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ପକ୍ଷରୁ ଜିଲା ପ୍ରଶାସନ ତଥା ଜିଲା କ୍ରୀଡ଼ା ବିଭାଗକୁ ୧ କୋଟି ଟଙ୍କାର ଅନୁଦାନ ପ୍ରଦାନ କରାଯାଇଛି। ଢେଙ୍କାନାଳର ଏହି ପୁରାତନ ସ୍ପୋର୍ଟ୍ସ ହଲ୍ ୪ ଜୁନ ୧୯୯୫ ମସିହାରେ ଉଦ୍‌ଘାଟିତ ହୋଇଥିଲା। ଜିଲାରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ଭାରତ ସରକାରଙ୍କ ତତ୍‌କାଳୀନ ମାନବସମ୍ବଳ ବିକାଶ ମନ୍ତ୍ରୀ ମାଧବ ରାଓ ସିନ୍ଧିଆଙ୍କ ଦ୍ୱାରା ତତ୍କାଳୀନ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରୀ କାମାକ୍ଷାପ୍ରସାଦ ସିଂହଦେଓ ଓ ରାଜ୍ୟ ସରକାରଙ୍କ ତତ୍କାଳୀନ ପଞ୍ଚାୟତିରାଜ ରାଷ୍ଟ୍ରମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସଙ୍କ ଉପସ୍ଥିତିରେ ଏହି ଜିମ୍ନାସିୟମ ଓ ଇନଡୋର ସ୍ପୋର୍ଟ୍ସ ହଲ ଉଦ୍‌ଘାଟିତ ହୋଇଥିଲା। ଏହି ହଲ୍‌ରେ ଭାରୋତ୍ତୋଳନ, କୁସ୍ତି, ବ୍ୟାଡମିଣ୍ଟନ ଖେଳ ହୋଇଥାଏ। ତେବେ ହଲ୍ ଭିତରେ ଉଡନ ଟ୍ରାକ ହୋଇ ନ ଥିବାରୁ ଖେଳାଳିମାନଙ୍କ ସମସ୍ୟା ହେଉଥିଲା। ଏଥିସହ ୨୮ ବର୍ଷର ଏହି କ୍ରୀଡ଼ା କେନ୍ଦ୍ରଟି ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ବିପଦ ସଙ୍କୁଳ ହୋଇପଡ଼ିଥିଲା। ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ଏହାର ମରାମତି ପାଇଁ ପଦକ୍ଷେପ ନିଆଯାଉ ନ ଥିଲା। ଶେଷରେ ଏହି କ୍ରୀଡ଼ା କେନ୍ଦ୍ରର ନବୀକରଣ ସହ, ବ୍ୟାଡମିଣ୍ଟନ, କୁସ୍ତି ଓ ଭାରୋତ୍ତୋଳନ ଆଦି କ୍ରୀଡା ପାଇଁ ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତ କରାଯିବ ବୋଲି ଜିଲାପାଳ ସରୋଜ କୁମାର ସେଠୀ ସୂଚନା ଦେଇଛନ୍ତି।

# ଥଣ୍ଡା ଜଳଛତ୍ର ଉଦ୍‌ଘାଟିତ




ଜଳଛତ୍ରକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ଢେଙ୍କାନାଳ ଅଫିସ, ୧୪।୪

ଢେଙ୍କାନାଳ ଟେଣ୍ଟ ଆଣ୍ଡ ସପ୍ଲାୟର୍ସ ଓନର୍ସ ଆସୋସିଏଶନ ପକ୍ଷରୁ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବାଟୋଇମାନଙ୍କ ଉଦ୍ଦେଶ୍ୟରେ ଗଣେଶ ବଜାର ଛକ ଗୋପବନ୍ଧୁ ଟାଉନ ହଲ ସମ୍ମୁଖରେ ଶୁକ୍ରବାର ଏକ ଥଣ୍ଡା ଜଳଛତ୍ର ବ୍ୟବସ୍ଥା କରାଯାଇଛି। ଏହି ଜଳଛତ୍ରକୁ ଜିଲା ଆରକ୍ଷୀ ଅଧୀକ୍ଷକ ଜ୍ଞାନରଞ୍ଜନ ମହାପାତ୍ର, ନଗରପାଳ ଜୟନ୍ତୀ ପାତ୍ର, ସାମାଜିକ କର୍ମୀ ରାମଚନ୍ଦ୍ର ପାତ୍ର, ବିଶ୍ୱନାଥ ବେହେରା, ରାଜକିଶୋର ବେହେରା, ଅନୁଷ୍ଠାନ କର୍ମକର୍ତ୍ତା ଅଭିମନ୍ୟୁ ସାହୁ ପ୍ରମୁଖ ଉଦ୍‌ଘାଟନ କରିଥିଲେ। ପ୍ରତ୍ୟେକ ଦିନ ଏହି ଷ୍ଟଲରେ ଲୋକମାନଙ୍କୁ ଥଣ୍ଡା ପାନୀୟ ଜଳ, ଦହି ଲେମ୍ବୁ ସରବତ ପ୍ରଦାନ କରାଯିବ। ଏହି ଜଳଛତ୍ର ଉଦ୍‌ଘାଟନୀ ଉତ୍ସବରେ ଆସୋସିଏଶନର ସମସ୍ତ କର୍ମକର୍ତ୍ତା, ସଦସ୍ୟ ଓ ସହରର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ସମ୍ବିଧାନ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସୁଦୃଢ଼ କରିଛି

### ଜୟନ୍ତୀରେ ଆମ୍ବେଡକର, ବ୍ରଜନାଥ ବଡ଼ଜେନାଙ୍କୁ ଶ୍ରଦ୍ଧାଞ୍ଜଳି

ଢେଙ୍କାନାଳ ଅଫିସ, ୧୪।୪

ସମ୍ବିଧାନ ପ୍ରଣେତା ଭାରତ ରତ୍ନ ଡ. ବି.ଆର୍. ଆମ୍ବେଡକରଙ୍କ ଜୟନ୍ତୀ ଢେଙ୍କାନାଳ ଜିଲା ସଦର ମହକୁମାରେ ଶୁକ୍ରବାର ପାଳିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ଏବଂ ସହରର ମାନ୍ୟଗଣ୍ୟ ବ୍ୟକ୍ତି ଜିଲା କାର୍ଯ୍ୟାଳୟ ସମ୍ମୁଖସ୍ଥିତ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଜିଲାପାଳ କହିଥିଲେ, ବାବା ସାହେବଙ୍କ ଦ୍ୱାରା ପ୍ରସ୍ତୁତ ସମ୍ବିଧାନ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସୁଦୃଢ଼ କରିପାରିଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତନ୍ମୟ କୁମାର ଦରୱାନ, ଜିଲା ପରିଷଦ ସଦସ୍ୟା ମମତାଞ୍ଜଳି ବେହେରା, ଆମ୍ବେଡକର ମେମୋରିଆଲ ସୋସାଇଟିର ଚେୟାରମ୍ୟାନ କୈଳାଶ ଚନ୍ଦ୍ର ବେହେରା, ସମ୍ପାଦକ ବନମାଳୀ ମଲ୍ଲିକ, ସଦସ୍ୟ ବାଇଧର ନାୟକ, ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ବସନ୍ତ କୁମାର ତ୍ରିପାଠୀ, ଓଏଫ୍‌ଡିସି ଉପଦେଷ୍ଟା ଦେବୀପ୍ରସାଦ ଭୂଟିଆ, ପୂର୍ବତନ ନଗରପାଳ ଇନ୍ଦ୍ରାମଣି ବେହେରା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଆମ୍ବେଡକର ସୋସାଇଟି ପକ୍ଷରୁ ସ୍ଥାନୀୟ ବିଜ୍ଞାନ କେନ୍ଦ୍ରଠାରେ ଏକ ଉତ୍ସବ ଆୟୋଜନ କରାଯାଇ ଦନ୍ତ ବିଶେଷଜ୍ଞ ଆର୍.କେ. ମିଶ୍ର, ସାମାଜିକ କର୍ମୀ ରତିକାନ୍ତ ଗଡ଼ନାୟକ, ଶିକ୍ଷକ ଗଗନ ବିହାରୀ ସାହୁ ଓ କବୟିତ୍ରୀ ଲୀଳାବତୀ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସମର କବି ବ୍ରଜନାଥ ବଡ଼ଜେନାଙ୍କ ଜୟନ୍ତୀ ଅବସରରେ ବି.ବି. ହାଇସ୍କୁଲ ଏବଂ ରାଜବାଟୀ ନିକଟସ୍ଥ ଶିଶୁ ଉଦ୍ୟାନସ୍ଥିତ ବ୍ରଜନାଥ ବଡ଼ଜେନାଙ୍କ ପ୍ରତିମୂର୍ତ୍ତିରେ ଜିଲାପାଳ ସେଠୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦରୱାନ, ଜିଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ଶତପଥୀ, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟା ପୁଷ୍ପଲତା ରଥ, ଜିଲା ସଂସ୍କୃତି ସଂଯୋଜକ ଅବନୀ କୁମାର ମିଶ୍ରଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



ଜିଲାପାଳଙ୍କ ସମେତ ଅନ୍ୟମାନେ ବାବା ସାହେବଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

# ରାସୋଳ ମହୋତ୍ସବ ଉଦ୍‌ଘାଟିତ

ରାସୋଳ, ୧୪।୪ (ଡି.ଏନ.ଏ.)

ଢେଙ୍କାନାଳ ଜିଲା ରାସୋଳଠାରେ ଶୁକ୍ରବାର ରାସୋଳ ବିକାଶ ପରିଷଦ ପକ୍ଷରୁ ରାସୋଳ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ମୁଖ୍ୟଅତିଥି ଭାବେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ହିନ୍ଦୋଳ ବ୍ଲକ ଅଧ୍ୟକ୍ଷା ସସ୍ମିତା ନାୟକ, ରାସୋଳ ସରପଞ୍ଚ ଦିବାକର ନାୟକ, ବାର୍ଷିକ ଉତ୍ସବ ସଭାପତି ପୂର୍ବତନ ବିଧାୟକ ମହେଶ୍ୱର ନାୟକ, ସମ୍ପାଦକ ଭାସ୍କର ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ରାସୋଳ ଦଣ୍ଡପାର୍ଟି ଦ୍ୱାରା ରାସୋଳର ଅଧିଷ୍ଠାତ୍ରୀ ଦେବୀ ଦକ୍ଷିଣକାଳୀଙ୍କ ମନ୍ଦିର ପରିସରରେ ପୂଜାର୍ଚ୍ଚନା କରାଯାଇଥିଲା। ଭକ୍ତମାନେ ଅସହ୍ୟ ଖରାକୁ ଖାତିର ନ କରି ନିଆଁ ରଡରେ ଚାଲିଥିଲେ। ଆଖପାଖ ଅଞ୍ଚଳର ବହୁ ଲୋକ ସାମିଲ ହୋଇଥିଲେ। ପରେ ମା’ଙ୍କୁ ରାସୋଳ ହାଟ ପଡ଼ିଆକୁ ଏକ ବିରାଟ ଶୋଭାଯାତ୍ରାରେ ଅଣାଯାଇଥିଲା। ସେଠାରେ ମାଙ୍କୁ ପୂଜାର୍ଚ୍ଚନା କରି ବନ୍ଦାପନା ପରେ ମନ୍ଦିରକୁ ଫେରାଇ ନିଆଯାଇଥିଲା। ଶେଷରେ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।



ଅନୁଗୋଳ ସହରରେ ଯୁବଗୋଷ୍ଠୀଙ୍କ ପକ୍ଷରୁ ପଣା ବଣ୍ଟନ କରାଯାଉଛି।




ଢେଙ୍କାନାଳ ଶିଳ୍ପ ଓ ବାଣିଜ୍ୟ ପ୍ରତିଷ୍ଠାନ ପକ୍ଷରୁ ମିନା ବଜାରଠାରେ ଜଳଛତ୍ର ଉଦ୍‌ଘାଟନ ବେଳେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ରଙ୍କ ସହିତ ପ୍ରତିଷ୍ଠାନର କର୍ମକର୍ତ୍ତାମାନେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର,୧୫ ଏପ୍ରିଲ, ୨୦୨୩



## ଅସଦାଚରଣ ଅଭିଯୁକ୍ତ ଗିରଫ

ଛେଣ୍ଡିପଦା,(ସ୍ୱ.ପ୍ର.): ଅନୁଗୋଳ ଜିଲା ଜରପଡା ଥାନା ଅଞ୍ଚଳର ଜଣୈକା ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ପୋଲିସ ଶୁକ୍ରବାର ଅଭିଯୁକ୍ତ ସୁଦର୍ଶନ ଦେହୁରୀଙ୍କୁ ଗିରଫ କରିଛି। ପୋଲିସ କହିଛି, ନାବାଳିକାଙ୍କ ପରିବାର ଲୋକେ ଘରେ ନ ଥିବା ଦେଖି ଅଭିଯୁକ୍ତ ତାଙ୍କୁ ଟଣାଓଟରା କରିଥିଲେ। ତେବେ ନାବାଳିକା ଜଣକ ସେଠାରୁ କୌଶଳ କ୍ରମେ ଖସି ଯାଇଥିଲେ। ଘଟଣା ସମ୍ପର୍କରେ ନାବାଳିକା ଜରପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଥାନାରେ ନଂ. ୧୧୮/୨୩ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରିବା ସହିତ ସୁଦର୍ଶନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ସରୋଜ କୁମାର ସାମଲ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### କାନ୍ଥ ପଡ଼ି ଶ୍ରମିକ ମୃତ

ଛେଣ୍ଡିପଦା,୧୪।୪(ସ୍ୱ.ପ୍ର.): ଅନୁଗୋଳ ଜିଲା ବାଗଡିଆ ଥାନା ଟାଙ୍ଗିରି ପଞ୍ଚାୟତର ନୂଆପଡା ଗ୍ରାମରେ ଘର କାନ୍ଥ ପଡି ଶୁକ୍ରବାର ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନୂଆପଡା ଗ୍ରାମର ବାମନ ବେହେରା। ଘଟଣାରୁ ପ୍ରକାଶ, ନୂଆପଡା ଗ୍ରାମର ଟୁନା ମହାପାତ୍ରଙ୍କ ପୁରୁଣା ଘରର କାନ୍ଥ ଭାଙ୍ଗିବା ପାଇଁ ସେହି ଗ୍ରାମର ବାମନ ଓ ତାଙ୍କ ପୁଅ ଦୀପକ ବେହେରା ଶ୍ରମିକଭାବେ କାମ କରୁଥିଲେ। ଘର ଭଙ୍ଗା ଚାଲିଥିବା ବେଳେ ହଠାତ କାନ୍ଥଟି ଭୁଶୁଡି ପଡ଼ିଥିଲା। ଫଳରେ କାନ୍ଥ ତଳେ ବାମନ ଚାପି ହୋଇଯାଇଥିଲେ। ଘର ମାଲିକ ଓ ଅନ୍ୟମାନେ ତୁରନ୍ତ ତାଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବଗଡିଆ ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଦେବା ସହ ତଦନ୍ତ ଆରମ୍ଭ କରିଛି।

# ସୁଧୁରିବ ଟ୍ରାଫିକ୍ ବ୍ୟବସ୍ଥା, ଉଠିବେ ଉଠା ଦୋକାନୀ

### ଜିଲା ପ୍ରଶାସନ ଗଢ଼ିଲା ସ୍ପେଶାଲ ସ୍କ୍ୱାଡ୍

ଅନୁଗୋଳ ଅଫିସ, ୧୪।୪

ଅନୁଗୋଳ ସହରରେ ପାର୍କିଂ ବ୍ୟବସ୍ଥାକୁ ନେଇ ବାରମ୍ଵାର ଆପତ୍ତି ଉଠିବା ପରେ ଜିଲା ପ୍ରଶାସନ ତତ୍ପରତା ଦେଖାଇଛି। ସେହିପରି ଉଠା ଦୋକାନୀଙ୍କ କାରଣରୁ ସହରରେ ଟ୍ରାଫିକ ସମସ୍ୟା ଦେଖାଦେଉଥିବାରୁ ଏଥିରେ ସୁଧାର ଆଣିବାକୁ ଜିଲା ପ୍ରଶାସନ ପକ୍ଷରୁ ଏକ ସ୍ପେଶାଲ ସ୍କ୍ୱାଡ୍ ଶୁକ୍ରବାର ଗଢ଼ା ଯାଇଛି। ଉପଜିଲାପାଳ ବଇତୁରା ଦୀପଙ୍କ ନେତୃତ୍ୱରେ ଏହି ସ୍କ୍ୱାଡ୍ ସହରର ବିଭିନ୍ନ ସ୍ଥାନରେ ପଇଁତରା ମାରି ଉଠା ଦୋକାନୀ ଓ ବେଆଇନ୍ ପାର୍କିଂ କରିଥିବା ବ୍ୟକ୍ତିଙ୍କୁ ତାଗିଦ୍ କରିଛି। ତେବେ ଶନିବାରଠାରୁ ଚଢ଼ାଉ ଜୋରଦାର କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଯେଉଁ ଉଠା ଦୋକାନୀ ରାସ୍ତା ପାର୍ଶ୍ୱ ଜବରଦଖଲ କରିଥିବେ ଓ ଗାଡ଼ି ବେଆଇନ୍ ପାର୍କିଂ ହୋଇଥିବ, ସେଠାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍କ୍ୱାଡ୍ ପକ୍ଷରୁ କୁହାଯାଇଛି।

ଅନୁଗୋଳ ଉପଜିଲାପାଳ ବଇତୁରା ଦୀପଙ୍କ ନେତୃତ୍ୱରେ ଅନୁଗୋଳ ତହସିଲଦାର ଶାଶ୍ୱତ ରଞ୍ଜନ ଦାଶ, ପରିବହନ ଅଧିକାରୀ ନିଖିଲ ପଟ୍ଟନାୟକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନ, ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, ଅନୁଗୋଳ ଟାଉନ୍ ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀଙ୍କ ସହ ବିଭାଗୀୟ ଅଧିକାରୀମାନେ ବେଆଇନ୍ ପାର୍କିଂ ଓ ଉଠା ଦୋକାନୀ କରିଥିବା ଜାଗା ଜବର ଦଖଲର ଅନୁଧ୍ୟାନ କରିଥିଲେ। ଏମାନେ ସାଧାରଣତଃ ଥାନା ଛକ ଠାରୁ ରାଜା ଛକ, ରାଜା ଛକରୁ ମେଡିକାଲ ଛକ ଏହାପରେ ବୁଢ଼ୀ ଠାକୁରାଣୀ ଛକ ଅନୁଧ୍ୟାନ କରିଥିଲେ। ଏହି ଅନୁଧ୍ୟାନ ସମୟରେ ଉଠା ଦୋକାନୀଙ୍କ ପାଇଁ ଟ୍ରାଫିକ ସମସ୍ୟା ହେଉଥିବା ଜାଣିବାକୁ ପାଇଥିଲେ। ଶୁକ୍ରବାର ସେମାନଙ୍କୁ କେବଳ ତାଗିଦ୍ କରାଯାଇଥିବା ବେଳେ ଶନିବାରଠାରୁ ଚଢ଼ାଉ କରାଯାଇ ସାମଗ୍ରୀ ଜବତ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସହରକୁ ଉଠା ଦୋକାନୀ ମୁକ୍ତ କରାଯିବା ସହ ଟ୍ରାଫିକ୍ ସମସ୍ୟାକୁ ସ୍ୱାଭାବିକ୍ କରାଯିବ। ଏ ନେଇ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ କହିଛନ୍ତି, ଏଣିକି ସବୁଆଡ଼ୁ ଉଠା ଦୋକାନୀଙ୍କୁ ଉଚ୍ଛେଦ କରାଯିବ। ବାରମ୍ଵାର ପୌରପାଳିକା ପକ୍ଷରୁ ସେମାନଙ୍କୁ ଉଠା ଯାଉଥିଲେ ମଧ୍ୟ ସେମାନେ ପୁଣି ଆସି ପସରା ମେଲାଉଛନ୍ତି। ତେଣୁ ଉପଜିଲାପାଳଙ୍କ ନେତୃତ୍ୱରେ ଏକ ଟମ୍ ଗଢ଼ା ଯାଇଛି। ଏହି ଟିମ୍ ପ୍ରତ୍ୟେକ ଦିନ ସହରରେ ପଇଁତରା ମାରିବା ସହ ଉଠା ଦୋକାନୀ ବା ବେଆଇନ୍ ପାର୍କିଂ ଦେଖିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ସେହିଭଳି ଜେଲ ଛକରେ ମଧ୍ୟ ବସୁଥିବା ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯିବ। ଜେଲର ସୁରକ୍ଷାକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।


ପ୍ରଶାସନ ପକ୍ଷରୁ ଗଢ଼ାଯାଇଥିବା ସ୍କ୍ୱାଡ୍ ଅନୁଧ୍ୟାନ କରୁଛନ୍ତି।

# ମେରୁ ଯାତ୍ରାରେ ଗାଁ ଉତ୍ସବ ମୁଖର

ବଇଣ୍ଡା,୧୪।୪(ଡି.ଏନ.ଏ.)

କିଶୋରନଗର ବ୍ଲକ ବଡ଼ହୁଲା ଗ୍ରାମରେ ଶୁକ୍ରବାର ମେରୁ ଯାତ୍ରା ପାଳିତ ହୋଇଯାଇଛି। ଦୀର୍ଘ ୧୫ ଦିନ ଧରି ବିଭିନ୍ନ ଗ୍ରାମରେ ଦଣ୍ଡଯାତ୍ରା ଅନୁଷ୍ଠିତ ହେବା ପରେ ଶୁକ୍ରବାର ଏହା ଉଦ୍ଯାପିତ ହୋଇଯାଇଛି। ସକାଳେ ମହାଦେବ ଓ ମା' ଦକ୍ଷିଣ କାଳୀଙ୍କୁ ମନ୍ଦିରରେ ପ୍ରବେଶ କରାଇବା ପରେ ଅପରାହ୍ନରେ ଗ୍ରାମରେ ଧୂଳି ଦଣ୍ଡ ଅନୁଷ୍ଠିତ ହୋଇଥିଲା। ପରେ ପୋଖରୀରେ ବାଲୁକା ପୂଜା କରାଯାଇଥିଲା। ଗ୍ରାମ ଦେବୀ ମା' ମାହେଶ୍ୱରୀଙ୍କୁ ଏକ ଶୋଭାଯାତ୍ରାରେ ମନ୍ଦିରକୁ ଆଣିବା ପରେ ମେରୁ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଜଣେ ପାଟୁଆ ଭକ୍ତଙ୍କଠାରେ ମା' ଆବିର୍ଭାବ ହୋଇଥିଲେ। ସକାଳୁ ଅଧିଆ ପଡ଼ିଥିବା ମାନସିକଧାରୀଙ୍କୁ ଉଠାଇବା ସହ ସେମାନଙ୍କ ମନସ୍କାମନା ପୂର୍ଣ୍ଣ ପାଇଁ ଭୋଗ ଖୁଆଇଥିଲେ। ମନ୍ଦିର କମିଟି ପକ୍ଷରୁ ଭକ୍ତଙ୍କ ପାଇଁ ପଣା ବ୍ୟବସ୍ଥା କରାଯାଇଥିଲା। ସ୍ଥାନୀୟ ପୋଲିସ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲା। ପୂଜକ ଦିଲୀପ ଆଚାର୍ଯ୍ୟ, କମିଟିର ରମେଶ ପ୍ରଧାନ, ବେଣୁଧର ଦେହୁରୀ,ଗୋକୁଳା ପ୍ରଧାନ, ସର୍ବେଶ୍ୱର ମହାପାତ୍ର, ଚନ୍ଦ୍ରମଣି ଶଙ୍ଖାରି, ଅନିଲ ପ୍ରଧାନ, ଭୀଷ୍ମ ଦେହୁରୀ, କୁଞ୍ଜ ବିହାରୀ ଦେହୁରୀଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ଗାଁ ବଇଣ୍ଡା, ପାପସରା, ଜାମୁଝରି, ଗୁଣ୍ଡୁରୀ, ମିଣ୍ଡୋଳ ଆଦି ସ୍ଥାନରେ ମେରୁ ଯାତ୍ରା ପାଳିତ ହୋଇଯାଇଛି। ବଇଣ୍ଡା, ଶରଧାମୁଣ୍ଡା ଆଦି ସ୍ଥାନରେ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି।


ବଡ଼ହୁଲାଠାରେ ମେରୁଯାତ୍ରା ପାଳନ କରାଯାଉଛି।

# ଛାତ୍ରୀଛାତ୍ରଙ୍କ ପ୍ରତିଭା ବିକାଶକୁ ଗୁରୁତ୍ୱ ଦିଅ

ବଇଣ୍ଡା,୧୪।୪ (ଡି.ଏନ.ଏ.)

ଗ୍ରାମାଞ୍ଚଳର ଛାତ୍ରୀଛାତ୍ରଙ୍କଠାରେ ଅନେକ ପ୍ରତିଭା ଭରି ରହିଛି। ସେମାନଙ୍କ ପ୍ରତିଭା କିଭଳି ପ୍ରଦର୍ଶିତ ହେବ ସେ ନେଇ ଅଭିଭାବକ ଗୁରୁତ୍ୱ ଦେବା ଆବଶ୍ୟକ। ଗୁରୁବାର କିଶୋରନଗର ବ୍ଲକ ଲୁହାମୁଣ୍ଡା ଯାତ୍ରା ପଡିଆଠାରେ ଗ୍ରାମ୍ୟ କମିଟି ଓ ସ୍କୁଲ ସମୂହ ପକ୍ଷରୁ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ଏହା କହିଛନ୍ତି। ଗ୍ରାମ ସଭାପତି ବିବେକା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଦାସରଥି ଶୁଣ୍ଠି, ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ, ଲୁହାମୁଣ୍ଡା ସରପଞ୍ଚ କୁମୁଦ ଚନ୍ଦ୍ର ସାହୁ, ସମିତି ସଭ୍ୟ ଧୋବେଇ ବେହେରା, ବିଶ୍ୱ ଯୁବକେନ୍ଦ୍ର ନିର୍ଦ୍ଦେଶକ ମନୋଜ ମହାପାତ୍ର, ଶିକ୍ଷାବିତ୍ କ୍ଷୀରେନ୍ଦ୍ର ମୋହନ ଦେହୁରୀ, ଗ୍ରାମ୍ୟ ସମ୍ପାଦକ ସୁରେଶ ପ୍ରଧାନ, ପ୍ରଧାନ ଶିକ୍ଷକ ପ୍ରଶାନ୍ତ ବେହେରା, ଦିଲୀପ ପ୍ରଧାନ, ଭବାନୀ ରେଖା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଅରୁଣ ସାହୁ, ସୁନୀଲ ବିଶ୍ୱାଳ, କୁନା ସାହୁ, ନାଗ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

# ବାବା ସାହେବଙ୍କ ଅବଦାନ ଉପରେ ଆଲୋକପାତ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଅନୁଗୋଳ ଅଫିସ, ୧୪।୪

ଅନୁଗୋଳ ସ୍ଥିତ ବାବାସାହେବ ଆମ୍ବେଡକର ଫାଉଣ୍ଡେଶନ ଓ ଅନୁଗୋଳ ଜିଲା ଦଳିତ ମହାସଂଘ ତରଫରୁ ବାବା ସାହେବଙ୍କ ଜୟନ୍ତୀ ଅନୁଗୋଳ ସଭାଘରଠାରେ ଶୁକ୍ରବାର ପାଳନ କରାଯାଇଛି। ଉକ୍ତ ସମାରୋହରେ ଆମ୍ବେଡକର ଫାଉଣ୍ଡେଶନ ଚେୟାରମ୍ୟାନ ପ୍ରହ୍ଲାଦ ନାୟକ, ସମ୍ପାଦକ ପ୍ରଦ୍ୟୁମ୍ନ ନାଏକ, ଦଳିତ ମହାସଂଘ ସଭାପତି ପ୍ରମୋଦ ବେହେରା, ସମ୍ପାଦକ ସୁରେନ୍ଦ୍ର ବେହେରା ଓ ଅନ୍ୟ ସଭ୍ୟବୃନ୍ଦ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବେ ଶରତ ଚନ୍ଦ୍ର ନାଏକ, ତରଣୀସେନ ନାଏକ, ବନମାଳୀ ସେଠୀ ଓ ମୁଖ୍ୟବକ୍ତା ଭାବେ ଡ. ଧରଣୀଧର ନାଥ, ବିଶ୍ୱରଞ୍ଜନ ପ୍ରଧାନ, ସୁରେଶ କୁମାର ରାଜହଂସ ଯୋଗଦେଇ ଡ. ଆମ୍ବେଡକରଙ୍କ ଜୀବନୀ, ଦକ୍ଷତା ଓ ଭାରତବର୍ଷକୁ ଦେଇଥିବା ଅବଦାନ ବାବଦରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ରଣଜିତ ପଟ୍ଟନାୟକ, ଯୁବନେତା ଅଗସ୍ତି ବେହେରା, ସାମାଜିକ କର୍ମୀ ଚିନ୍ମୟ ଦାସ, ଟିକନ ବେହେରା, ସୁଶ୍ରୀ ବେହେରା ଓ ବିଦ୍ୟାଧର ଗୋଛାୟତ ମଞ୍ଚାସୀନ ଥିଲେ। ସଂଘ ସଦସ୍ୟ ନୀଳକଣ୍ଠ ନାଏକ ଓ ଧନେଶ୍ୱର ବେହେରା ମଞ୍ଚ ପରିଚାଳନା କରିଥିଲେ। ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଳ ସୁଧାର ଗୃହରେ ପଣା ବଣ୍ଟନ

ଅନୁଗୋଳ ଅଫିସ,୧୪।୪

ଅନୁଗୋଳ ଜିଲା ପତଞ୍ଜଳୀ ଯୋଗ ସମିତି ପକ୍ଷରୁ ଅନୁଗୋଳ ବାଳ ସୁଧାର ଗୃହରେ ହନୁମାନ ଜୟନ୍ତୀ, ଓଡ଼ିଆ ନବବର୍ଷ ଓ ମହା ବିଷୁବ ସଂକ୍ରାନ୍ତି ଉପଲକ୍ଷେ ପଣା ବଣ୍ଟନ କରାଯାଇଛି। ଏହି ଅବସରରେ ଯୋଗ ସମିତିର ବରିଷ୍ଠ ସଦସ୍ୟ ସୁବୋଧ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାମକୃଷ୍ଣ ତ୍ରିପାଠୀ, ଅମୀୟ କର, ଯଜ୍ଞେଶ୍ୱର ମହାପାତ୍ର ଉପସ୍ଥିତ ରହି ପିଲାମାନଙ୍କୁ ଉଚିତ୍ ନୀତିଶିକ୍ଷା ଦେବା ସହ ସେମାନଙ୍କ ମାର୍ଗ ଦର୍ଶନ କରିଥିଲେ। ବାଳ ସୁଧାର ଗୃହର ଅଧୀକ୍ଷକ ସଭା ପରିଚାଳନା କରିଥିଲେ।


ଅନ୍ତେବାସୀଙ୍କୁ ପଣା ବଣ୍ଟନ କରାଯାଉଛି।

# ପିଲାଙ୍କୁ ଦିଆଗଲା କଲମ, ମିଠା

ତାଳଚେର,୧୪।୪(ନି.ପ୍ର.)

ତାଳଚେର ବଲଣ୍ଡା ନିକଟସ୍ଥ ମୀନାବଜାରଠାରେ ଥିବା ଡ. ବାବା ସାହେବ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ନିକଟରେ ତାଳଚେର ଫର୍ଟିଲାଇଜର ଲିମିଟେଡ (ଟିଏଫ୍ଏଲ୍) ପକ୍ଷରୁ ବାବା ସାହେବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଟିଏଫ୍ଏଲ୍ ଜେନେରାଲ ମ୍ୟାନେଜର (ପ୍ରୋଜେକ୍ଟ) ସତ୍ୟବ୍ରତ ମିଶ୍ର, ସମ୍ମାନିତ ଅତିଥି ଭାବେ ସର୍ବଭାରତୀୟସ୍ତରର ଉଡାନ ସଂସ୍ଥାର ପ୍ରଦେଶ ନେତା ସୁଧୀର କୁମାର ଖଣ୍ଡା ଯୋଗଦେଇ ଛୋଟପିଲାଙ୍କୁ କଲମ ଓ ମିଠା ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟିଏଫ୍ଏଲ୍ ମୁଖ୍ୟ ପ୍ରବନ୍ଧକ ସୁମନ୍ତ ପ୍ରଧାନ, ସିଆଇଏସ୍ଏଫ୍ର ଅତିରିକ୍ତ ସହାୟକ କମାଣ୍ଡାଣ୍ଟ କିଶୋର କୁମାର ପାତ୍ର, ଅମରଚାନ୍ଦ ନାଏକ, ମନୋଜ ନାଏକ, ବିପ୍ର ନାଏକ, ଦଳିତ ନାରୀନେତ୍ରୀ ଗୀତାରାଣୀ ନାଏକ, ଉର୍ବଶୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।


ଟିଏଫ୍ଏଲ୍ ପକ୍ଷରୁ ବାବା ସାହେବଙ୍କ ଜୟନ୍ତୀ ପାଳନ କରାଯାଉଛି।

# ସଚେତନ କଲେ ଅଗ୍ନିଶମ କର୍ମଚାରୀ


କାମାକ୍ଷାନଗର ଅଗ୍ନିଶମ ବିଭାଗ।


ଭୁବନ ଅଗ୍ନିଶମ କର୍ମଚାରୀମାନେ ସହର ପରିକ୍ରମା କରୁଛନ୍ତି।

ଭୁବନ/ କାମାକ୍ଷାନଗର୧୪।୪ (ଡି.ଏନ.ଏ.)

ଢେଙ୍କାନାଳ ଜିଲା ଭୁବନ ଅଗ୍ନିଶମ ସେବା ବିଭାଗ ପକ୍ଷରୁ ଶୁକ୍ରବାର ଜାତୀୟ ଅଗ୍ନିଶମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଭୁବନ ଅଗ୍ନିଶମ ସେବା କାର୍ଯ୍ୟାଳୟର କେନ୍ଦ୍ରାଧିକାରୀ ମନୋରଞ୍ଜନ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ହାବିଲଦାର ମଧୁସୂଦନ ମହାନ୍ତି, ଚାଳକ ଅମରଜିତ୍ ପ୍ରଧାନ, ଆଗ୍ନିକ ଅଲେଖ ରାଉତ, ନୃସିଂହଚରଣ ବେହେରା, ସୂର୍ଯ୍ୟକାନ୍ତ ସେଠୀ, ଆଶିଷ ପୃଷ୍ଟି ଯୋଗଦେଇ ସହର ପରିକ୍ରମା କରି ଅଗ୍ନିକାଣ୍ଡ, ଦୁର୍ଘଟଣା, ପ୍ରାକୃତିକ ବିପର୍ଯ୍ୟୟର ନେଇ ସଚେତନତା କରାଯାଇଥିଲା। ସେହିପରି କାମାକ୍ଷାନଗର ଅଗ୍ନିଶମ ବିଭାଗ ଅଧିକାରୀ କାହ୍ନୁ ଚରଣ ସ୍ୱାଇଁ, ହାବିଲଦାର ଶ୍ରୀକାନ୍ତ ବଳବନ୍ତରାୟ, ଗୁରୁଚରଣ ସାହୁ, ଫାୟାରମ୍ୟାନ ପ୍ରଶନ୍ତ କୁମାର ହୋତା, ରାଜେନ୍ଦ୍ର କୁମାର ନନ୍ଦ ପ୍ରମୁଖ ସହର ପରିକ୍ରମା କରି କିପରି ଅଗ୍ନି ଦାଉରୁ ରକ୍ଷା ପାଇପାରିବେ ସେ ନେଇ ଲୋକଙ୍କୁ ସଚେତନ କରିଥିଲେ।

# ମାଧପୁରରେ ଧୁମ୍‌ଧାମରେ ମେରୁଯାତ୍ରା

ମାଧପୁର,୧୪।୪

ଆଠମଲ୍ଲିକ ବ୍ଲକ ଅଧୀନ ମାଧପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ଶୁକ୍ରବାର ମେରୁ ଯାତ୍ରା ପାଳିତ ହୋଇଯାଇଛି। ଅଞ୍ଚଳର ମାଳିପଦର, ଓଡୋଶୀଙ୍ଗା, ଚନ୍ଦ୍ରପୁର, ଟାଇଁସର୍, ରଶୋଶୀଙ୍ଗା, ନୂଆଗାଁ, ସୋରିଷପଙ୍କ, ଲୁଣହାଣ୍ଡି, କନ୍ଧପଡ଼ା, ଶରଧାପୁର, କମ୍ପଲା, ଦୁଡୁମ, ଦେଉଳୀ, ଘୋଡାଗାଡି, ବୁରଘାଟ ଆଦି ଗ୍ରାମରେ ଏହି ଯାତ୍ରା ପାଳିତ ହୋଇଛି। ଦଣ୍ଡୁଆମାନେ ପ୍ରାୟ ୨୧ଦିନ ହେବ ବିଭିନ୍ନ ସ୍ଥାନରେ ଦଣ୍ଡଯାତ୍ରା କରି ନିଜ ନିଜ ଗ୍ରାମରେ ମେରୁ ଯାତ୍ରାରେ ସାମିଲ ହୋଇଥାନ୍ତି। ଏହି ଯାତ୍ରାର ମୁଖ୍ୟ ଆକର୍ଷଣ ଘାଟପୂଜା ସମୟରେ ମାନସିକଧାରୀମାନେ ନିଜର ମନସ୍କାମନା ପାଇଁ ଠାକୁରଙ୍କ ପାଖରେ ଗୁହାରି ପଡ଼ିଥାନ୍ତି। ସମଗ୍ର ପରିବେଶ ଢୋଲ, ମହୁରୀ ଏବଂ ନିଶାନରେ ପ୍ରକମ୍ପିତ ହୋଇଥିଲା।



# ଆଦର୍ଶ ଥାନା ପକ୍ଷରୁ ଜଳଛତ୍ର

କାମାକ୍ଷାନଗର,୧୪।୪(ଡି.ଏନ.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ଆଦର୍ଶ ଥାନା ପକ୍ଷରୁ ଥାନା ସମ୍ମୁଖରେ ଶୁକ୍ରବାର ଏକ ଜଳଛତ୍ର ଉଦ୍‌ଘାଟିତ ହୋଇଯାଇଛି। କାମାକ୍ଷାନଗର ଆଦର୍ଶ ଥାନା ଅଧିକାରୀ ଶରତ ଚନ୍ଦ୍ର ମହାଳିକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଦିନକୁ ଦିନ ଅସହ୍ୟ ତାତି ସହ ଗୁଳୁଗୁଳି ବଢି ଚାଲିଛି। ପଥଚାରୀମାନେ ଏହି ଜଳଛତ୍ରରୁ ଥଣ୍ଡା ପାନୀୟ ଜଳ ପାଇପାରିବେ ବୋଲି ଥାନା ଅଧିକାରୀ ମହାଳିକ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏସ୍ଆଇ ସ୍ୱର୍ଣ୍ଣପ୍ରଭା ସାହୁ, ଏଏସ୍ଆଇ ଜିତେନ୍ଦ୍ର ପ୍ରଧାନ, ଅନିଲ ସିଂ, ଥାନାର ସମସ୍ତ ଅଧିକାରୀ ତଥା ସହରର ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥାନାଧିକାରୀଙ୍କ ସମେତ ଅନ୍ୟମାନେ।

# ତାଲା ଭାଙ୍ଗି ଲୁଟିନେଲେ ସାମଗ୍ରୀ

ଅନୁଗୋଳ ଅଫିସ,୧୪।୪

ଅନୁଗୋଳସଦରଥାନାପଞ୍ଚମହଲାଠାରେ ଥିବା ଏକ ଦୋକାନରୁ ଚୋରି ହୋଇଛି। ଏ ନେଇ ଦୋକାନ ମାଲିକ ଅଭିଷେକ ଅଗ୍ରୱାଲଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୧୮୯/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଅଭିଷେକ ଦୋକାନ ସାମଗ୍ରୀ ଆଣିବାକୁ ଭୁବନେଶ୍ୱର ଯାଇଥିଲେ। ସେଠାରେ ମେଡିକାଲ କାର୍ଯ୍ୟ ପଡ଼ିବାରୁ ସପ୍ତାହେ ଅଟକି ଯାଇଥିଲେ। ଏହାପରେ ଦୋକାନ ଆସି ଖୋଲିଲା ବେଳକୁ ତାଙ୍କ ଶଟର ତଡା ଯାଇଥିବା ଦେଖିବାକୁ ପାଇଥିଲେ। ପରେ ଦୋକାନ ଭିତରେ ଥିବା ଗ୍ରୀସ୍, କ୍ଲଚ ପ୍ଲେଟ ଓ ବଡ଼ ଗାଡ଼ିର ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ସତ୍ୟବ୍ରତ ରାଉତ ସୂଚନା ଦେଇଛନ୍ତି।

# ଆମ୍ବେଡକରଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ


କାର୍ଯ୍ୟକ୍ରମରେ ଉପସ୍ଥିତ ସେବାଶ୍ରମ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଛାତ୍ରୀମାନେ।

ଅନୁଗୋଳ ଅଫିସ,୧୪।୪

ଅନୁଗୋଳ ଜିଲା ବଁଅରପାଳ ସେବାଶ୍ରମଠାରେ ଶୁକ୍ରବାର ଜିଲାସ୍ତରୀୟ ବାବା ସାହେବ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା ମଙ୍ଗଳ ଅଧିକାରୀ ସୁବାସଚନ୍ଦ୍ର ସାହୁ ଯୋଗଦେଇ ଆମ୍ବେଡକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ଉପସ୍ଥିତ ଛାତ୍ରୀମାନଙ୍କୁ ବାବା ସାହେବଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସେବାଶ୍ରମର ବରିଷ୍ଠ କର୍ମକର୍ତ୍ତା ଲଳିତ ମୋହନ ବେହେରା ଉପଯୁକ୍ତ ଜ୍ଞାନ ଓ ବିଦ୍ୟା ଅର୍ଜନ କରି କଠିନ ପରିଶ୍ରମ ଓ ଅଧ୍ୟବସାୟ ବଳରେ ନିଷ୍ଠାର ସହ କର୍ତ୍ତବ୍ୟ କରିବାକୁ ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କୈଳାଶ ଚନ୍ଦ୍ର ବେହେରା ଯୋଗଦେଇଥିଲେ। ସେବାଶ୍ରମର ପ୍ରଧାନ ଶିକ୍ଷୟିତ୍ରୀ ପୂର୍ଣ୍ଣିମା ପାତ୍ର ସମସ୍ତ ଛାତ୍ରୀଙ୍କୁ ଭଲ ପାଠପଢି ଉଚ୍ଚଶିକ୍ଷିତା ହେବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେବାଶ୍ରମର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ସହକାରୀ କର୍ମଚାରୀଙ୍କ ସମେତ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ। ସହକାରୀ ଶିକ୍ଷକ ନରୋତ୍ତମ ବେହେରା ଧନ୍ୟବାଦ ଦେଇଥିଲେ।

# ଅପହରଣ ଅଭିଯୁକ୍ତ ଗିରଫ

କଣିହାଁ,୧୪।୪(ଡି.ଏନ.ଏ.)

କଣିହାଁ ବ୍ଲକ ସମଲ ଥାନା ପୋଲିସ ଏକ ଅପହରଣ ମାମଲାରେ କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଯଦୁପୁର ଗ୍ରାମର ଶୁଭମ ରାଉତଙ୍କୁ ଗିରଫ କରିଛି। ଗତ ଫେବ୍ରୁଆରୀରେ ସମଲ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଶୁଭମ ଅପହରଣ କରିଥିବା ନେଇ ନାବାଳିକାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ସମଲ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। କୌଣସି ସୂତ୍ରରୁ ପୋଲିସ ଖବରପାଇ ଯୁବକ ଓ ନାବାଳିକା ହାଇଦ୍ରାବାଦରେ ଥିବା ଜାଣିବାକୁ ପାଇଥିଲା। ଏସ୍ଆଇ କମଳାକ୍ଷ ପ୍ରସାଦ ନାୟକଙ୍କ ନେତୃତ୍ୱରେ ଏଏସ୍ଆଇ ଜେ.ଏନ ସିଂ ହାଇଦ୍ରାବାଦ ଗସ୍ତକରି ଉଭୟଙ୍କୁ ସମଲ ଥାନା ଆଣିଥିଲେ। ଏହାପରେ ପୋଲିସ ଅଭିଯୁକ୍ତ ଶୁଭମଙ୍କୁ ଗିରଫ କରିଥିଲା। ନାବାଳିକାଙ୍କୁ ସୁଧାର ଗୃହକୁ ପଠାଇ ଦିଆଯାଇଥିବା ପୋଲିସ ସୂଚନା ଦେଇଛି।

## ସଂକ୍ଷେପରେ

### ଚୋରି ଟଙ୍କା ଫେରାଇଲେ ଯୁବକ

**ଅନୁଗୋଳ ଅଫିସ, ୧୪।୪:** ଅନୁଗୋଳ ସହରରେ ଥିବା ଶୀତଲ ପ୍ଲାଜାରୁ ଟଙ୍କା ଚୋରି ହୋଇଥିବା ବେଳର ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଥିଲା। ଏହା ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଚୋରି କରିଥିବା ଯୁବକ ଜଣକ ଗୁରୁବାର ଦୋକାନରେ ପହଞ୍ଚି ଚୋରି ଟଙ୍କା ଫେରାଇଥିବା ଜଣାପଡ଼ିଛି। ଏ ନେଇ ଅନୁଗୋଳ ଥାନାରେ ଅଭିଯୋଗ ହୋଇନାହିଁ। ଉକ୍ତ ଦୃଶ୍ୟରେ ରହିଛି, ଶୀତଲ ପ୍ଲାଜାରେ ଥିବା ଏକ ମୋବାଇଲ ଦୋକାନକୁ ୩ରୁ ୪ ଜଣ ଯୁବକ ଆସିଥିଲେ। ଜଣେ ଯୁବକ କୌଶଳକ୍ରମେ ଦୋକାନରୁ ୧୯ ହଜାର ଟଙ୍କା ଚୋରି କରି ଅନ୍ୟଜଣଙ୍କୁ ଦେବା ପରେ ସେ ଉକ୍ତ ଟଙ୍କାକୁ ପକେଟ୍‌ରେ ପୂରାଇ ଚମ୍ପଟ ମାରିଥିଲେ। ସୋସିଆଲ ମିଡିଆରେ ଏହି ଭିଡିଓ ଭାଇରାଲ ହେବା ପରେ ମୋବାଇଲ କିଣିଥିବା ଯୁବକ ଅନ୍ୟ ଦୁଇଜଣଙ୍କୁ ଧରି ଗୁରୁବାର ଅପରାହ୍ଣରେ ଦୋକାନ ନିକଟରେ ପହଞ୍ଚି ଟଙ୍କା ଫେରାଇଥିବା ଜଣାପଡ଼ିଛି। ଏହି ଟଙ୍କା ଫେରାଇବା ଦୃଶ୍ୟ ମଧ୍ୟ ସୋସିଆଲ ମିଡିଆଲରେ ଗୋଟିଏ ମୋବାଇଲରୁ ଆଉ ଗୋଟିଏ ମୋବାଇଲକୁ ଘୂରି ବୁଲୁଛି।

# ସକାଳ ହେଲେ ସଙ୍କଟ

**ବଇଣ୍ଡା, ୧୪।୪ (ଡି.ଏନ.ଏ.)**



ଅର୍ଜୁନଧରା ଗ୍ରାମର ଏକ ନଳକୂଅ ନିକଟରେ ପାଣି ନେବାକୁ ଲମ୍ବା ଧାଡ଼ି।

■ ୯ ଗ୍ରାମକୁ ନାହିଁ ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା
■ ରାତି ପାହିଲେ ନଳକୂଅ ନିକଟରେ ଲାଗୁଛି ଧାଡ଼ି
■ କିଶୋରନଗର ବ୍ଲକ ହଣ୍ଡପା ପଞ୍ଚାୟତରେ ଅସନ୍ତୋଷ

ରାତି ପାହିବାଠାରୁ ରାତି ହେବା ଯାଏ ପାଣି ବିନା ଜୀବନଚର୍ଯ୍ୟା ଅଚଳ। ହେଲେ ଏହି ବାସ୍ତବତାକୁ ବୁଝିପାରୁନି କିଶୋରନଗର ବ୍ଲକ ପ୍ରଶାସନ। କାରଣ ହଣ୍ଡପା ପଞ୍ଚାୟତର ୯ ଗ୍ରାମକୁ ଏଯାଏ ପାଇପ୍ ପାଣିର ବ୍ୟବସ୍ଥା ହୋଇ ନ ଥିବାବେଳେ ପୁରୁଣା ନଳକୂଅଗୁଡ଼ିକର ମରାମତି ମଧ୍ୟ କରାଯାଉ ନାହିଁ। ଫଳରେ ସକାଳ ହେଲେ ଜଳ ସଙ୍କଟର ସମ୍ମୁଖୀନ ହେଉଥିବା ଗ୍ରାମବାସୀ ନଳକୂଅ ନିକଟରେ ଲଗାଉଛନ୍ତି ଲମ୍ବା ଲାଇନ।

ହଣ୍ଡପା ପଞ୍ଚାୟତରେ ମୋଟ୍ ୭୬ ନଳକୂଅ ରହିଛି। ସେଥିରୁ ୫ଟି ଅଚଳ ଥିବାବେଳେ ଖରାଦିନେ ଜଳସ୍ତର ହ୍ରାସ କାରଣରୁ ୧୦ଟି ନଳକୂଅରୁ ପାଣି ବାହାରୁ ନାହିଁ। ଫଳରେ ପଞ୍ଚାୟତର ବଣିନାଳୀ, ଗୁଣ୍ଡୁରୀମୁଣ୍ଡା, ପ୍ରତାପପୁର, ହଣ୍ଡପା (ଗାଁ), ଚାକୁଣ୍ଡାମୁଣ୍ଡା, ବାଲିଖମଣ, ଖୋଲାରେଗେଡା, ନୁଆଁଖୋଲାରେଗେଡ଼ା, ଅର୍ଜୁନଧରା ଆଦି ଗ୍ରାମବାସୀ ପାନୀୟ ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ସରକାର ବସୁଧା ଯୋଜନାରେ ଗ୍ରାମାଞ୍ଚଳରେ ଜଳ ପ୍ରକଳ୍ପମାନ ନିର୍ମାଣ କରୁଥିଲେ ହେଁ ହଣ୍ଡପା ପଞ୍ଚାୟତ ଏହି ଯୋଜନାରୁ ଏଯାଏ ବାଦ୍ ପଡ଼ିଛି। ଏପରି କି ପଞ୍ଚାୟତରେ ଥିବା ଜଙ୍ଗଲ ଅଧ୍ୟୁଷିତ ୪ଟି ଗ୍ରାମ ବାଲିଖମଣ, ଖୋଲାରେଗେଡ଼ା, ନୂଆଁ ଖୋଲାରେଗେଡା, ଅର୍ଜୁନଧରାର ସମସ୍ୟା ପ୍ରତି ଆଦୌ ଦୃଷ୍ଟି ଦିଆଯାଉ ନାହିଁ। ପଞ୍ଚାୟତର ଏହି ୪ଟି ଗ୍ରାମରେ ପାନୀୟ ସଙ୍କଟ ଅତି ଉତ୍କଟ। କାରଣ ଜଙ୍ଗଲାଞ୍ଚଳ ହୋଇଥିବାରୁ ଏଠାରେ ଥିବା ନଳକୂଅଗୁଡ଼ିକର ଜଳସ୍ତର ଅତି ତଳକୁ ଖସିଯାଉଛି। ଆବଶ୍ୟକ ପାଣି ମିଳୁ ନ ଥିବାରୁ ଗ୍ରାମବାସୀ ନିକଟରେ ଥିବା ନାଳ ଓ ଖୋଲା କୂଅରୁ ପାଣି ନେଇ ବ୍ୟବହାର କରୁଛନ୍ତି। ଏହାଦ୍ୱାରା ସେମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିଲେ ମଧ୍ୟ କୌଣସି ବିକଳ୍ପ ନ ଥିବାରୁ ବାଧ୍ୟ ହୋଇ ଦୂଷିତ ପାଣି ପିଉଛନ୍ତି। ପଞ୍ଚାୟତର ବିଭିନ୍ନ ଗ୍ରାମରେ ଅଧିକ ନଳକୂଅ ଖୋଳିବା ପାଇଁ ବାରମ୍ବାର ବ୍ଲକ ପ୍ରଶାସନକୁ ଅଭିଯୋଗ କରାଯାଉଥିଲେ ମଧ୍ୟ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ପାଇଁ ଅର୍ଜୁନଧରା ଗ୍ରାମବାସୀ ବହୁବାର ପଞ୍ଚାୟତଠାରୁ ଆରମ୍ଭ କରି ଜିଲା ପ୍ରଶାସନ, ଆଠମଲ୍ଲିକ ବିଧାୟକଙ୍କୁ ଅଭିଯୋଗ କରିଛନ୍ତି। ହେଲେ ଆଠମଲ୍ଲିକ ଉପଖଣ୍ଡର ସମସ୍ତ ପଞ୍ଚାୟତକୁ ମେଗା ଜଳ ପ୍ରକଳ୍ପ ଜରିଆରେ ମହାନଦୀରୁ ପାଣି ଯୋଗାଇ ଦିଆଯିବ ବୋଲି କୁହାଯାଇ ବର୍ଷ ପରେ ବର୍ଷ ଗଡ଼ାଇ ଦିଆଯାଉଛି। କେବେ ପ୍ରକଳ୍ପ ନିର୍ମାଣ ହେବ ଓ ଏହି ପାନୀୟ ସଙ୍କଟର ସମାଧାନ ହେବ ତାହା ହଣ୍ଡପା ପଞ୍ଚାୟତବାସୀଙ୍କ ମନରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତୁରନ୍ତ ଜଳଯୋଗାଣ ବିଭାଗ ପକ୍ଷରୁ ଅଚଳ ନଳକୂଅଗୁଡିକର ମରାମତି ଏବଂ ନୂତନ ପ୍ରକଳ୍ପ ନିର୍ମାଣ ସହିତ ଅଧିକ ନଳକୂଅ ଖୋଳିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଟ୍ୟାଙ୍କର ଯୋଗେ ଜଳଯୋଗାଣ ହେଉ



ଲୋକଙ୍କୁ ପିଇବା ପାଣି ଯୋଗାଇବାରେ ପ୍ରଶାସନ ବିଫଳ ହୋଇଛି। ନଳକୂଅରୁ ପାଣି ଠିକ୍ ଭାବେ ମିଳୁ ନ ଥିବା ଯୋଗୁ ଅଞ୍ଚଳବାସୀ ଡହଳ ବିକଳ ହେଉଛନ୍ତି। ଏ ନେଇ ପଞ୍ଚାୟତଠାରୁ ବ୍ଲକ ପ୍ରଶାସନ ଯାଏ ଅଭିଯୋଗ କରାଯାଇଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ତୁରନ୍ତ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯାଉ।

-ଅନିଲ କୁମାର ସାହୁ, ଗ୍ରାମବାସୀ

### ପ୍ରଶାସନ ବ୍ୟବସ୍ଥା କରୁନାହିଁ



ହଣ୍ଡପା ପଞ୍ଚାୟତର କେତୋଟି ଗ୍ରାମରେ ପାନୀୟ ଜଳ ସଙ୍କଟ ଦେଖାଯାଇଛି। କିନ୍ତୁ ପ୍ରଶାସନ ପାଣି ଯୋଗାଇ ଦେବାର ବ୍ୟବସ୍ଥା କରୁନାହିଁ। ଏ ନେଇ ଅଭିଯୋଗପତ୍ର ମାଧ୍ୟମରେ ଅବଗତ କରାଯାଇଛି। ବ୍ଲକ ପ୍ରଶାସନ ବିଶୁଦ୍ଧ ପାଣି ଯୋଗାଇ ଦେବା ଉପରେ ଗୁରୁତ୍ୱ ଦିଅନ୍ତୁ।

-ରଶ୍ମିତା ପ୍ରଧାନ, ସରପଞ୍ଚ, ହଣ୍ଡପା

### ହଣ୍ଡପା ପ୍ରତି ଅବହେଳା କରାଯାଉଛି



ହଣ୍ଡପା ଗ୍ରାମରେ ପାଇପ୍ ବିଛା ହୋଇଛି। ହେଲେ ଜଳ ଯୋଗାଣ କରାଯାଉ ନାହିଁ। ଫଳରେ ସକାଳ ହେଲେ ଲୋକଙ୍କୁ ପିଇବା ପାଣି ଚିନ୍ତା ଘାରୁଛି। ନଳକୂଅ ଗୁଡିକରୁ ମଧ୍ୟ ଆବଶ୍ୟକ ପାଣି ବାହାରୁ ନାହିଁ। ଅନ୍ୟ ଗ୍ରାମକୁ ଜଳଯୋଗାଣ ହେଉଥିଲେ ମଧ୍ୟ ହଣ୍ଡପାକୁ ଅବହେଳା କରାଯାଉଛି।

-ଉଗ୍ରସେନ ଦେହୁରୀ, ହଣ୍ଡପା

### ନଳକୂଅ ନିକଟରେ ଭିଡ଼ ହେଉଛି



ଅର୍ଜୁନଧରା ଗ୍ରାମରେ ୧୫୦ରୁ ଅଧିକ ପରିବାର ବସବାସ କରୁଥିଲେ ମଧ୍ୟ ପାନୀୟ ଜଳଯୋଗାଣ ବ୍ୟବସ୍ଥା କରାଯାଉନାହିଁ। ଫଳରେ ଗ୍ରାମରେ ଥିବା ନଳକୂଅ ନିକଟରେ ଦୈନିକ ଭିଡ଼ ହେଉଛି। ତୁରନ୍ତ ବ୍ଲକ ପ୍ରଶାସନ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦେଉ।

-ଦିଲୀପ କୁମାର ସାହୁ, ଅର୍ଜୁନଧରା

## ଗଡ଼ଜାତ ଆନ୍ଦୋଳନର ଅନ୍ତୁଡ଼ିଶାଳ ଢେଙ୍କାନାଳ

**ଢେଙ୍କାନାଳ ଅଫିସ, ୧୪।୪**

ଢେଙ୍କାନାଳ କଲେଜ ସ୍ନାତକୋତ୍ତର ଇତିହାସ ବିଭାଗ ପକ୍ଷରୁ ଗୁରୁବାର 'ସ୍ୱାଧୀନତା ସଂଗ୍ରାମରେ ଢେଙ୍କାନାଳ ଗଡ଼ଜାତ'ର ଭୂମିକା ଶୀର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ରଞ୍ଜିତ କୁମାର ପ୍ରଧାନ ଯୋଗଦେଇ ଢେଙ୍କାନାଳ ଗଡ଼ଜାତ ଆନ୍ଦୋଳନର ବରପୁତ୍ରଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ସାରଦାପ୍ରସନ୍ନ ପତି ଯୋଗଦେଇ ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ସ୍ମୃତିଚାରଣ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରକାଶ ପଟ୍ଟନାୟକ ଯୋଗଦେଇ କହିଲେ, ଢେଙ୍କାନାଳ ଗଡ଼ଜାତ ଆନ୍ଦୋଳନର ଅନ୍ତୁଡ଼ିଶାଳ। ଏହି ଅବସରରେ ଏହାର ମୁଖ୍ୟ ପୁରୋଧା ସାରଙ୍ଗଧର ଦାସ, ଭବାନୀଚରଣ ପଟ୍ଟନାୟକ, ବ୍ରଜନାଥ ବଡ଼ଜେନାଙ୍କ ଭୂମିକା ଉପରେ ଆଲୋପପାତ କରିଥିଲେ। ବିଭାଗୀୟ ମୁଖ୍ୟ ଡ. ଅଦ୍ୱୈତ ସାହୁ, ଅଧ୍ୟାପକ ଗୌତମ ବେହେରା ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ଜୀବେ ନିଷ୍ଠୁରତା ରୋକିବାକୁ ପ୍ରୟାସ କର




**ଅନୁଗୋଳ ଅଫିସ, ୧୪।୪**

ଅନୁଗୋଳ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଜୀବ ନିଷ୍ଠୁରତା ନିବାରଣ ଆଇନ ସମ୍ପର୍କିତ କର୍ମଶାଳା ଅତିରିକ୍ତ ଜିଲାପାଳ (ସାଧାରଣ) ରଜନୀକାନ୍ତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଜିଲାପାଳ କହିଥିଲେ, ମନୁଷ୍ୟ ଓ ପ୍ରାଣୀଜଗତ ଭିତରେ ସନ୍ତୁଳନ ନ ରହିଲେ ପ୍ରକୃତି କେବେ କ୍ଷମା ଦେବ ନାହିଁ। କରୋନା ଭାଇରସ ଭଳି ଭୟାବହତାକୁ ବିଶ୍ୱବାସୀ ଅଙ୍ଗେ ନିଭାଉଛନ୍ତି। ତେଣୁ ଭାରତୀୟ ସଂସ୍କୃତିରେ ଜୀବେଦୟା ଭାବକୁ ପ୍ରତ୍ୟେକ ଉଣା ଅଧିକେ ଉପଲବ୍ଧ କରି ଜୀବ ନିଷ୍ଠୁରତାକୁ ରୋକିବା ଦିଗରେ ପ୍ରୟାସ କରିବା ଉଚିତ୍। ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ପ୍ରତାପ ପଟ୍ଟନାୟକ ଜୀବ ନିଷ୍ଠୁରତା ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିରୋଦ ଦାସ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରସନ୍ନ ବିଶ୍ୱାଳ, ବିଭିନ୍ନ କଲେଜ ଅଧ୍ୟକ୍ଷ, ଜଙ୍ଗଲ ବିଭାଗର ଅଧିକାରୀ, ପ୍ରାଣୀ ଚିକିତ୍ସକମାନେ ଉପସ୍ଥିତ ଥିଲେ। ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଏନ୍‌ଟିପିସିରେ ଅଗ୍ନିସେବା ସପ୍ତାହ

**କଣିହାଁ, ୧୪।୪ (ଡି.ଏନ.ଏ.)**

କଣିହାଁ ଏନ୍‌ଟିପିସି ସିଆଇଏସ୍ଏଫ୍ ୟୁନିଟ୍ ତରଫରୁ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ଅଗ୍ନିସେବା ସପ୍ତାହ ଉତ୍ସବ। ଏହା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ମୁଖ୍ୟଅତିଥି ଭାବେ କଣିହାଁ ଏନ୍‌ଟିପିସି ଜିଏମ (ଓଆଣ୍ଡଏମ) ଅଶୋକ କୁମାର ସେହଗଲ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସାଧାରଣ ପରିଚାଳକ ଆର.ଏନ୍. ଦାସ, ୱାଇ.ଏମ୍. ମୁରଲୀକ୍ରିଷ୍ଣା, ଏସ. ରାମକୃଷ୍ଣ, ଅନ୍ୟ ବରିଷ୍ଠ ଅଧିକାରୀ ପି.ଏ. ବାରିକ, ଗୁରୁ ବ୍ରହ୍ମଚାରୀଙ୍କ ସମେତ ସୁନୀଲ କୁମାର, କେ. ଧୀର, ବି. ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଡେପୁଟି କମାଣ୍ଡାଣ୍ଟ ବ୍ରିଜ ମୋହନ ସିଂ ଅଗ୍ନିଶମ ସେବା ସପ୍ତାହ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଶହୀଦ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ପରେ ମୁଖ୍ୟଅତିଥି ଅଗ୍ନିକାଣ୍ଡର କାରଣ ଏବଂ ଏହାର ପ୍ରତିରୋଧ ବିଷୟରେ ଅବଗତ କରିଥିଲେ। ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ପ୍ରେମଚାନ୍ଦ ଶର୍ମା ଧନ୍ୟବାଦ ଦେଇଥିଲେ। ମହିଳା କନଷ୍ଟେବଳ ଅପମା ଦେବୀ ମଞ୍ଚ ପରିଚାଳନା କରିଥିଲେ।



## ବାଟତାରିଣୀ ମନ୍ଦିର ମୁଖ୍ୟଦ୍ୱାର ଲୋକାର୍ପିତ

**ଭୁବନ, ୧୪।୪ (ଡି.ଏନ୍.ଏ.)**

ଭୁବନ ବ୍ଲକ ଭୂଷଳ ଛକ ନିକଟରେ ପୂଜା ପାଉଥିବା ମା' ବାଟତାରିଣୀଙ୍କ ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ଏବଂ ମୁଖ୍ୟଦ୍ୱାରା ଲୋକାର୍ପଣ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବୁଧବାର ରାମମନ୍ଦିର ନିକଟ ବେଣୋଗାଡ଼ିଆ ପୋଖରୀରୁ ୧୦୦୦ରୁ ଉର୍ଦ୍ଧ୍ୱ ମହିଳା ଶ୍ରଦ୍ଧାଳୁ ନୂଆବଜାର, କାଳୀବଜାର, ନୂଆଭୁବନ, କୋର୍ଟଛକ ଦେଇ ଶୋଭାଯାତ୍ରାରେ ନଗର ପରିକ୍ରମା କରି ପୀଠରେ ପହଞ୍ଚିଥିଲା। ଏଥିସହ ଅଙ୍କୁରାରୋପଣ, ମଣ୍ଡପ ସଂସ୍କାର, ଅଗ୍ନି ସ୍ଥାପନ କରାଯାଇଥିଲା। ଗୁରୁବାର ସୂର୍ଯ୍ୟପୂଜା, ଗୋପୂଜା, ଗୁରୁପୂଜା, ଚଣ୍ଡୀଯଜ୍ଞ ଏବଂ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ମା' ବାଟତାରିଣୀ ମନ୍ଦିର ପରିଚାଳନା କମିଟି ସଦସ୍ୟ ଏହାର ପରିଚାଳନା କରିଥିଲେ।



ମହିଳାମାନେ ପୋଖରୀରୁ ପାଣି ଉଠାଉଛନ୍ତି।

## ବିଜ୍ଞାନରେ ଗବେଷଣା ପାଇଁ ଆହ୍ୱାନ

**ଢେଙ୍କାନାଳ ଅଫିସ, ୧୪।୪**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଗୁରୁବାର ରସାୟନ ବିଜ୍ଞାନ ବିଭାଗର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରସାୟନ ବିଜ୍ଞାନର ପ୍ରତିଷ୍ଠିତ ପ୍ରଫେସର ମହେନ୍ଦ୍ର ରାଉତଙ୍କ ଉଦ୍ଦେଶ୍ୟରେ ବାର୍ଷିକ ଉତ୍ସବକୁ ଲୋକାର୍ପଣ କରାଯାଇଥିଲା। କଲେଜ ଅଧ୍ୟକ୍ଷ ପ୍ରଫେସର ରଞ୍ଜିତ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ଗୋପବନ୍ଧୁ ବେହେରା ଯୋଗଦେଇ ପ୍ରଫେସର ମହେନ୍ଦ୍ର ରାଉତଙ୍କ ଗବେଷଣା ଉପରେ ଆଲୋକପାତ କରିଥିଲେ। ଓଡ଼ିଶା କେମିକାଲ ସୋସାଇଟି ସଭାପତି ପ୍ରଫେସର ରୂପଶ୍ରୀରାଗିଣୀ ଦାସ ରସାୟନ ବିଜ୍ଞାନ ଉପରେ ଗବେଷଣା କରିବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ମୁଖ୍ୟ ଡ. ସିଦ୍ଧାର୍ଥ ଭରଦ୍ୱାଜ ରସାୟନ ବିଜ୍ଞାନର ବିବର୍ତ୍ତନ ସମ୍ପର୍କରେ ଆଲୋଚନା କରିଥିଲେ। ଅତିଥିଙ୍କ ଦ୍ୱାରା ବିଭାଗର ମୁଖପତ୍ର ଉନ୍ମୋଚିତ ହୋଇଥିଲା। ଗତବର୍ଷ ରସାୟନ ବିଜ୍ଞାନ ବିଭାଗର ଶ୍ରେଷ୍ଠ ଛାତ୍ରୀ ରାମେଶ୍ୱରୀ ଗୁଇଁଙ୍କୁ ସମ୍ମାନିତ କରାଯାଇଥିଲା। ବିଭାଗ ମୁଖ୍ୟ ଡ. ଦେବାଶିଷ ମହାନ୍ତି, ପ୍ରଫେସର ଶଶଧର ସାମଲ, ଗଣିତ ବିଭାଗ ମୁଖ୍ୟ ଡ. ସୁରେଖା ବଳିୟାର ସିଂ, ସୁଜତା ବେହେରା, ପବିତ୍ର ବେହେରା, ଦୀପସ୍ମିତା ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିମାନେ ବିଭାଗୀୟ ମୁଖପତ୍ର ଉନ୍ମୋଚନ କରୁଛନ୍ତି।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମକ୍‌ଡ୍ରିଲ

**ଭୁବନ, ୧୪।୪ (ଡି.ଏନ୍.ଏ.)**

ବୃଦ୍ଧି ପାଉଥିବା କରୋନା ସଂକ୍ରମଣକୁ ନେଇ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଆଗୁଆ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଏକ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଡାକ୍ତରଖାନାର ମୁଖ୍ୟ ଚିକିତ୍ସାଧିକାରୀ ରମେଶ ଚନ୍ଦ୍ର ସାହୁ ଯୋଗଦେଇ ସଂକ୍ରମଣ ନିରୋଧୀ ପ୍ରତିକାର ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। କୋଭିଡ୍ ୱାର୍ଡରେ ଅନୁଷ୍ଠିତ ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମରେ ଆକାଉଣ୍ଟାଣ୍ଟ ଶୁଭକାନ୍ତ ଆଚାର୍ଯ୍ୟ, ଷ୍ଟାଫ୍‌ନର୍ସ ବନିତା ସାହୁ, କଳ୍ପନା କୁମାରୀ ସାହୁଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମରେ ଉପସ୍ଥିତ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ।

## ଆକ୍ରମଣ ଅଭିଯୁକ୍ତ ଗିରଫ

**ଛେଣ୍ଡିପଦା, ୧୪।୪ (ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କମ୍ପସଲା ପଞ୍ଚାୟତର ମଣ୍ଡୁଆ ଗ୍ରାମରେ ମାର୍ଚ୍ଚ ୪ରେ ଶିପୁନ ବେହେରାଙ୍କୁ ଟାଙ୍ଗିଆରେ ଆକ୍ରମଣ କରାଯାଇଥିଲା। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ନଂ. ୯୭/୨୩ରେ ମାମଲା ରୁଜୁ କରିବା ସହିତ ଗୁରୁବାର ମଣ୍ଡୁଆ ଗ୍ରାମର ଧୋବା ମାହାରଙ୍କୁ ଗିରଫ କରିଛି। ପୋଲିସ କହିଛି, ହରିହରପୁର ଗ୍ରାମର ସୁନୀଲ ପ୍ରଧାନ ଓ ପ୍ରତାପ ପ୍ରଧାନଙ୍କ ସହ ମଣ୍ଡୁଆ ଗ୍ରାମର ଧୋବାଙ୍କ ଝଗଡା ହୋଇଥିଲା। ଗତ ୪ ତାରିଖରେ ସୁନୀଲ ଓ ପ୍ରତାପଙ୍କ ସାଙ୍ଗ ଶିପୁନ ମଣ୍ଡୁଆ ଗ୍ରାମର ଏକ ଦୋକାନରେ ବସିଥିବା ବେଳେ ଅଭିଯୁକ୍ତ ଧୋବା ମାହାର ଏକ ଟାଙ୍ଗିଆ ଧରି ସେଠାରେ ପହଞ୍ଚି ଶିପୁନଙ୍କୁ ଗାଳିଗୁଲଜ କରିବା ସହିତ ଚୋଟ ପକାଇଥିଲେ। ଟାଙ୍ଗିଆ ଚୋଟ ଶିପୁନଙ୍କ ହାତରେ ବାଜିବାରୁ ସେ ଗୁରୁତର ହୋଇଥିଲେ। ଏ ନେଇ ଶିପୁନଙ୍କ ବାପା କୁମର ବେହେରା ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏସ୍ଆଇ ରାଜେଶ କୁମାର ଶତପଥୀ ଢେଙ୍କାନାଳ ଜିଲା ଭୁବନ ଥାନା ଅଞ୍ଚଳରେ ଚଢାଉକରି ଧୋବାଙ୍କୁ ଗିରଫ କରିବା ସହିତ କୋର୍ଟ ଚାଲାଣ କରିଛନ୍ତି।

## ମାତୃଭାଷାରେ ଜ୍ଞାନ ଜରୁରୀ

**ଭୁବନ, ୧୪।୪ (ଡି.ଏନ୍.ଏ.)**

ଭୁବନସ୍ଥିତ ବିନାୟକ ଇଂଲିଶ ମିଡିୟମ ସ୍କୁଲର ୯ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଏମ୍‌ପି ମହେଶ ସାହୁ ଯୋଗଦେଇ କହିଲେ, ଆଜିକାର ସମୟରେ ଇଂଲିଶ ଶିକ୍ଷା ଜରୁରୀ। ଏଥିଲାଗି ସରକାରୀସ୍ତରରେ ମଧ୍ୟ ଉଦ୍ୟମ କରାଯାଉଛି। ଏଥିସହ ମାତୃଭାଷାରେ ଜ୍ଞାନ ଆହରଣ କରିବା ମଧ୍ୟ ଜରୁରୀ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରିଚାଳନା କମିଟି ସଭାପତି ନନ୍ଦକିଶୋର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପଣ୍ଡିତ ମାତୃପ୍ରସାଦ ମିଶ୍ର, ଅନ୍ୟତମ ସମ୍ମାନିତ ଅତିଥି ଡ. ଖଗେଶ୍ୱର ବେହେରା, ସନ୍ତୋଷ ପତି ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ବେହେରା, ଶିକ୍ଷୟିତ୍ରୀ ସପ୍ନିନା ପ୍ରିୟଦର୍ଶିନୀ ବର୍ଦ୍ଧନ, ପରିଚାଳନା କମିଟି ସମ୍ପାଦକ ହରିହର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଶିଶୁ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସନ୍ତୋଷ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

## 'ବିଜ୍ଞାନ ଦ୍ୱାରା ଉନ୍ନତି ସମ୍ଭବ'

**ଢେଙ୍କାନାଳ ଅଫିସ, ୧୪।୪**

ଢେଙ୍କାନାଳ ଇ-ଟେକ୍ ଆବାସିକ ଡିଗ୍ରୀ କଲେଜ ଏବଂ ଭୁବନେଶ୍ୱରସ୍ଥିତ ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ମିଳିତ ସହାୟତାରେ ସ୍ଥାନୀୟ ଶ୍ରୀରାମ ମଣ୍ଡପଠାରେ 'ବିଜ୍ଞାନ: ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସମ୍ଭାବନା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଇ-ଟେକ କଲେଜ ଅଧ୍ୟକ୍ଷ ଜୟନ୍ତ ବର୍ମାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନ ନିର୍ଦ୍ଦେଶକ ପ୍ରଫେସର କରୁଣାକର ନନ୍ଦ, ସମ୍ମାନିତ ଅତିଥି ବୈଜ୍ଞାନିକ ଡ. ସଚିନ୍ଦ୍ରନାଥ ଷଡ଼ଙ୍ଗୀ ଯୋଗଦେଇ ବିଜ୍ଞାନ ଦ୍ୱାରା ମାନବଜାତିର ଉନ୍ନତି ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଥମ ଅଧିବେଶନରେ ଅନୁଷ୍ଠିତ ଆଲୋଚନା କାର୍ଯ୍ୟକ୍ରମରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

ଅପରାହ୍ଣ ଅଧିବେଶନରେ ଅଧ୍ୟକ୍ଷ ପ୍ରଫେସର ନନ୍ଦ 'ଶକ୍ତି ହିଁ ଭବିଷ୍ୟତର ଉତ୍ସ', ବୈଜ୍ଞାନିକ ଡ. ଷଡଙ୍ଗୀ 'ଆଣବିକ ଶକ୍ତି ଓ ଏହାର ସାମାଜିକ ପ୍ରୟୋଗ' ଶୀର୍ଷକ ବିଷୟ ଉପରେ ଆଲୋଚନା କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପଦାର୍ଥ ବିଜ୍ଞାନ ମୁଖ୍ୟ କୁମାରୀ ଲକ୍ଷ୍ମୀପ୍ରିୟା ସାହୁ, ଅଧ୍ୟାପିକା ପ୍ରୀତିସୌମ୍ୟା ପଟ୍ଟନାୟକ, ସଂଘମିତ୍ରା ଷଡଙ୍ଗୀ, ରାଜଲକ୍ଷ୍ମୀ ସାହୁ, ଶୁଭସ୍ମିତା ପଣ୍ଡା, ବରିଷ୍ଠ ଅଧ୍ୟାପକ ସନ୍ତୋଷ ଖିଲାର, ଜିତେନ୍ଦ୍ର ପଲେଇ, ସୁବ୍ରତ ସାହୁ, ଗୌତମ ବେହେରା, ଅମ୍ରିତା ସିଂ, ଗୀତାରାଣୀ ମହାରଣା, ଶ୍ରୀବତ୍ସ ନାୟକ, ଭଜମନ ନାୟକ ପ୍ରମୁଖ ସହଯୋଗ କରିଥିଲେ।




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

## ହାତୁରାରେ ବାଦୀପାଲା

**ସାତମାଇଲ, ୧୪।୪ (ଡି.ଏନ୍.ଏ.)**

ହିନ୍ଦୋଳ ବ୍ଲକ ହାତୁରା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ଚୈତ୍ର ପୂର୍ଣ୍ଣିମା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସତ୍ୟନାରାୟଣ ପାଲା କମିଟି ଉପଦେଷ୍ଟା ନରହରି ନାଥ, ସଭାପତି ଦିବାକର ନାଥ, ସମ୍ପାଦକ ପ୍ରସନ୍ନ ନାଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୩୭ତମ ବାଦୀପାଲା ମହୋତ୍ସବର ଆୟୋଜନ କରାଯାଇଥିଲା। ପୁରୀର ପ୍ରସିଦ୍ଧ ପାଲାଗାୟକ ବାଣୀଭୂଷଣ ଗୋପାଳକୃଷ୍ଣ ଜେନା ଓ ସାଥୀ, କଟକର ଗାୟକ ଜ୍ଞାନଜ୍ୟୋତି ଶରତ ଚନ୍ଦ୍ର ଦଳେଇ ଓ ସାଥୀ ୩ଦିନ ଧରି ପାଲା ପରିବେଷଣ କରିଥିଲେ। ଗ୍ରାମ ପରିଚାଳନା କମିଟି ସଭାପତି ଅଜୟ ନାଥ, ଶରତ ନାଥ, ଶତ୍ରୁଘ୍ନ ନାଥ, ଶଶିଭୂଷଣ ନାଥ, ଅଧ୍ୟାପିକା ପ୍ରତିମା ନାଥ, ରମେଶ ଚନ୍ଦ୍ର ନାଥ, ପୁରୁଷୋତ୍ତମ ନାଥ, ଅଭିରାମ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ। ଅବିଭକ୍ତ ଢେଙ୍କାନାଳ ଜିଲାର ବିଭିନ୍ନ ସତ୍ୟନାରାୟଣ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସମେତ ବହୁ ପାଲାପ୍ରେମୀ ଯୋଗଦେଇଥିଲେ।

